

ଯାହାର ଲୋଭ, ମାନ ଓ ଅପମାନ ନ ଥାଏ, ସିଏ ସମ୍ପଦ ଓ ବିପଦକୁ ସମାନ ମଣେ, ତାଙ୍କୁ ଭକ୍ତ କୁହାଯାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଆଲମାରୀ ଭାଙ୍ଗି ଲୁଟ୍

ରାୟଗଡ଼ା ଅଫିସ, ୩।୧୨: ରାୟଗଡ଼ା କରଣ ସାହିସ୍ଥିତ ଜୟରାମ ମହାପାତ୍ରଙ୍କ ଘରୁ କେତେ ଜଣ ଦୁର୍ବୃତ୍ତ ସୁନା ,ରୁପା ଓ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ରାୟଗଡ଼ାରେ ଏତଲା ଦିଆଯାଇଛି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଜୟରାମଙ୍କ ଘର କିଛିଦିନ ହେବ ଖାଲିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ୫ ତୋଳା ସୁନା, ୪କେଜି ରୁପା ଓ ୧ ଲକ୍ଷ ୫୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଜୟରାମ ଘରକୁ ଫେରିବା ପରେ ଚୋରି ହୋଇଥିବା ଦେଖି ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସେଠାରେ ପହଞ୍ଚି ତଦନ୍ତ ଚଳାଇଛି ବୋଲି ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ସେଣ୍ଟ ଜାଭିୟର୍ସ ସ୍କୁଲରେ ବିଭିନ୍ନ କାର୍ଯ୍ୟକ୍ରମ



ରାୟଗଡ଼ା ଅଫିସ, ୩।୧୨: ରାୟଗଡା ନିଉ କଲୋନୀସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ସେଣ୍ଟ ଜାଭିୟର ଫ୍ରାନସୀସଙ୍କ ଶୋକ ଦିବସ ପାଳିତ ହୋଇଛି। ଏଥିରେ ପିଲାମାନେ ବିଭିନ୍ନ ଭାଷାରେ କୋରାଲ ଗାଇଥିଲେ। ଫାଦର ବଛେଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ବାଇବଲର କିଛି ଅଂଶ ପଢି ଶୁଣାଇଲେ। ପିଲାମାନଙ୍କ ସଫଳ କାମନା କରି ବିଦ୍ୟାଳୟ ପ୍ରାଙ୍ଗଣରେ ପବିତ୍ର ପାଣି ସିଞ୍ଚନ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ପାତ୍ର ଓ ଅଧକ୍ଷ ଅକ୍ଷୟ କୁମାର ପ୍ରଧାନ ଉପସ୍ଥିତ ଥିଲେ।

### ପାଠ୍ୟ ପୁସ୍ତକ, ଶୀତବସ୍ତ୍ର ବଣ୍ଟନ

ମୁନିଗୁଡା, ୩।୧୨(ଡି.ଏନ୍.ଏ.): ମୁନିଗୁଡା କଳିଙ୍ଗ ବୈଶ୍ୟ ସଂଘ ଓ ମହିଳା ସଂଘ ମିଳିତ ଭାବେ ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତ ଅଧୀନ ଖମ୍ବେଶୀ ଗ୍ରାମସ୍ଥିତ କସ୍ତୁରବା ଗାନ୍ଧୀ ଜନସେବା ବାଳ ବିକାଶ କେନ୍ଦ୍ର ଛାତ୍ରୀଛାତ୍ରଙ୍କୁ ଖାତାବହି, ଶୀତବସ୍ତ୍ର, ପଟି, କମ୍ବଳ, ଖାଦ୍ୟ ସାମଗ୍ରୀ ଓ ପୋଷାକ ବଣ୍ଟନ କରିଛନ୍ତି। ବୈଶ୍ୟ ସଂଘ ସଭାପତି ପି. ସୁଧାକର ପାତ୍ର ଓ ମହିଳା ସଂଘ ସଭାନେତ୍ରୀ ଲାଡି ଦୀପମାଳା ପାତ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ରନ୍ଧାଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବାଳ ବିକାଶ କେନ୍ଦ୍ରର ସାନ୍ତନୁ ଅପାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ କଳିଙ୍ଗ ବୈଶ୍ୟ ମହିଳା ସଂଘର ସମ୍ପାଦିକା ଶିଳାମଣି ପାତ୍ର, କୋଷାଧକ୍ଷା ଚାନ୍ଦନୀ ସୁବୁଦ୍ଧି, ଜୟନ୍ତୀ ମାଳା ପାତ୍ର, ସ୍ୱପ୍ନାରାଣୀ ପାତ୍ର, ଶୈଳେନ୍ଦ୍ରି ପାତ୍ର, ପ୍ରଣତି ପାତ୍ର, ସିଲା ଶାରଦା, ସର୍ଣ୍ଣ ମାଳା ପାତ୍ର ଓ ସିଲା ସଙ୍ଗୀତା ପରିଚାଳନା କରିଥିଲେ।

### କପା ମଣ୍ଡି ଉଦ୍‌ଘାଟିତ

ଗୁଣପୁର,୩।୧୨(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ଆରଏମ୍‌ସି ବଜାର ପ୍ରାଙ୍ଗଣରେ ମଙ୍ଗଳବାର କପା ମଣ୍ଡି ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଉପଜିଲାପାଳ ତଥା ଆରଏମ୍‌ସି ଅଧକ୍ଷ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଆରଏମ୍‌ସିର ସମ୍ପାଦକ ବିନୋଦ ବିହାରୀ ପ୍ରଧାନ, କପା ବିଶେଷଜ୍ଞ ଜେ.ସୁରିଆ ରାଓ, ସିସିଆଇର ସେଣ୍ଟର ଇନଚାର୍ଜ ସୁବାରାଓ, ଚାଷୀ ପ୍ରେମ ପ୍ରସାଦ ପଣ୍ଡା, ଭାରପ୍ରାପ୍ତ ଜିଲା କୃଷି ଅଧିକାରି ରାଜେନ୍ଦ୍ର ପ୍ରସାଦ ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ।

### ଗୁଣପୁରରେ ଜିଲା ଅମଲା ସଂଘ ବୈଠକ

ଗୁଣପୁର,୧।୧୨(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ଅମଲା ସଂଘ କାର୍ଯ୍ୟକାରୀ ସଦସ୍ୟଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଅମଲାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଘକୁ କିପରି ସୁଦୃଢ଼ ଏବଂ ସଂଗଠିତ କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ଜିଲା ଅମଲା ସଂଘ ସଭାପତି ମନୋଜ ରଥ, ଉପସଭାପତି ସୀମା ପଣ୍ଡା, ସୁଜାତା ପାଢୀ, ସମ୍ପାଦକ ମୁରଲୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ରାଜସ୍ୱ ଅମଲା ସଂଘ ସଭାପତି ଅଜୟ ନାହାକ, ସମ୍ପାଦକ ବିଶ୍ୱନାଥ ମଣ୍ଡଳ, ସଙ୍ଗଠନ ସମ୍ପାଦକ କାହ୍ନୁ ବାଉରୀ, ଗୌରୀଶଙ୍କର, ଆଶୁତୋଷ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେହି ନୁହନ୍ତି ଦିବ୍ୟାଙ୍ଗ, ସମସ୍ତେ ସକ୍ଷମ

**ବିଶ୍ୱ ଭିନ୍ନକ୍ଷମ ଦିବସ**

ରାୟଗଡ଼ା ଅଫିସ, ୩।୧୨

ରାୟଗଡ଼ାରେ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ଏହି ଅବସରରେ ଦିବ୍ୟାଙ୍ଗମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଜିଲାପାଳ ପ୍ରମୋଦ କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଏକ ସଭା କରାଯାଇଥିଲା। ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କେହି ଦିବ୍ୟାଙ୍ଗ ନୁହଁନ୍ତି, ସମସ୍ତେ ସମାନ ଓ ସକ୍ଷମ ବୋଲି ସେ କହିଥିଲେ।





ଜଣେ ହିତାଧିକାରୀଙ୍କୁ ଜିଲାପାଳ ସହାୟତା ପ୍ରଦାନ କରୁଛନ୍ତି।

ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟ ସ୍ରୋତକୁ ଖୁବ୍ ଶୀଘ୍ର ଆସିବେ ବୋଲି ସେ କହିଛନ୍ତି। ପୂର୍ବରୁ ୧୧୮ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟବସାୟ କରିବାକୁ ୧୫୦୦୦ ଟଙ୍କା ଲେଖାଏ ଡ଼ିଆର୍‌ଆଇ ଲୋନ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଆଜିର କାର୍ଯ୍ୟକ୍ରମରେ ୧୦ହଜାର ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବ୍ୟବସାୟ ଠିକ ଭାବେ କଲେ ଆଉ ୧୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ୯୧ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଆଲିନୁର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକରୁ ଶତାଧିକ ଦିବ୍ୟାଙ୍ଗ ଏଥିରେ ସାମିଲ ହୋଇଥିଲେ।

# ବ୍ୟବସାୟ ସମ୍ପର୍କିତ ମତାମତ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୩।୧୨

ଭାରତୀୟ ଯୁବଶକ୍ତି ଟ୍ରଷ୍ଟ ଏବଂ ଜେକେ କାଗଜ କଳର ମିଳିତ ସହଯୋଗରେ ବ୍ୟବସାୟ ସମ୍ପର୍କିତ ମତାମତ (ଆଇଡ଼ିଆ) ପ୍ରତିଯୋଗିତା ମଙ୍ଗଳବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଛି। ୨୦୦ରୁ ଉର୍ଦ୍ଧ୍ୱ ସମ୍ଭାବ୍ୟ ଉଦ୍ୟୋଗୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳରେ ଯୁବ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଆରମ୍ଭ କରାଯାଇଛି ବୋଲି ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ, ନୂଆଦିଲ୍ଲୀ ଜେକେ କାଗଜକଳ ଉପଦେଷ୍ଟା କପିଲ କଲ, ଷ୍ଟ୍ରାଟେଜିକ କମିଟି ଭାରତୀୟ ଯୁବ ଶକ୍ତି ଟ୍ରଷ୍ଟ ଅଧକ୍ଷ ସୁବାସ ଚନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ରାୟଗଡ଼ା, କୋଲନରା, କଲ୍ୟାଣସିଂହପୁରରୁ ଅନେକ ଭାଗ ନେଇଥିଲେ। ଏହି ଅବସରରେ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ୩ ଟି ମତାମତକୁ ପୁରସ୍କୃତ କରାଯିବ। ପ୍ରଥମ ପ୍ରତିଯୋଗୀଙ୍କୁ ୫୦୦୦୦, ୨ୟଙ୍କୁ ୩୦୦୦୦, ୩ୟଙ୍କୁ ୨୦୦୦୦ ଟଙ୍କା ପୁରସ୍କାର ରାଶି ଦିଆଯିବ। ଆଜି ସରକାରୀ ସ୍କୁଲ କଲେଜ ସମେତ ୪ଟି ସଂସ୍ଥାକୁ ଆଇଡ଼ିଆ ବକ୍ସ ପ୍ରଦାନ କରାଗଲା। ସେଥିରେ ପିଲାମାନେ ନିଜର ବ୍ୟବସାୟ ମତ ରଖିବେ। ଏହି ମତକୁ ଆଧାର କରି ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ର ଚୟନ କରାଯିବ।





ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

## ■ ଅଜଣା ରୋଗରେ ମାସକ ମଧ୍ୟରେ ଗଲାଣି ୫ ଜୀବନ

# ଖୋଡ଼ିଆ ସାହିରେ ସ୍ଥିତି ଅନୁଧ୍ୟାନ କଲେ ଡାକ୍ତରୀ ଟିମ୍

ଟିକିରି, ୩।୧୨(ଡି.ଏନ୍.ଏ.)

ଟିକିରି ପଞ୍ଚାୟତ ସଦରସ୍ଥିତ ଖୋଡିଆ ସାହିରେ ଅଜଣା ରୋଗରେ ମାସକ ମଧ୍ୟରେ ୫ଜଣ ପ୍ରାଣ ହରାଇଛନ୍ତି। ଏହି ଖବର ପାଇ ମଙ୍ଗଳବାର ସିଡିଏମ୍‌ଓଙ୍କ ନେତୃତ୍ୱରେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅନୀଲ କୁମାର ବେହେରା, ଏଏନ୍‌ଏମ୍ ବିଜ୍ଞାନ ପଣ୍ଡା, ସ୍ୱାସ୍ଥ୍ୟକର୍ମୀ ଚିତନ୍ୟ ନାୟକ, ସୁଶାନ୍ତ ବେହେରା, ଆଶାକର୍ମୀ ଛବିତା ଦାସ, ଅଶାନ୍ତ ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। ଏଥିସହ ଜ୍ୱରରେ ଅସୁସ୍ଥ ଥିବା ରଘୁ ଖୋଡିଆଙ୍କୁ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଉଛି। ପ୍ରକାଶ ଯେ, କାଞ୍ଚି ଖୋଡିଆ, ଗବା ଖୋଡିଆ, ଉମୁରି ମାଝି, ଅରକ୍ଷିତ ଖୋଡିଆ ଏବଂ ବିଶେ ଖୋଡିଆ ମାସକ ମଧ୍ୟରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ଉମୁରି ମାଝି ଯକ୍ଷ୍ମାରେ ଆକ୍ରାନ୍ତ ଥିଲେ ବୋଲି ଡାକ୍ତରୀ ଟିମ୍‌କୁ ପରିବାର ଲୋକେ କହିଛନ୍ତି। ମୃତକମାନେ ଜ୍ୱର ଓ ପେଟ ବ୍ୟଥାରେ ଆକ୍ରାନ୍ତ ଥିଲେ। ଏଥିସହ ସେମାନଙ୍କ ଗୋଡ ହାତ ମୁହଁ ଫୁଲି ଯାଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏବେ ଗାଁର ଅନେକ ଲୋକେ ଜ୍ୱରରେ ଆକ୍ରନ୍ତ ଅଛନ୍ତି। ଗାଁର ରଘୁ ଖୋଡିଆଙ୍କ ସ୍ୱାସ୍ଥ୍ୟବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ଚିକିତ୍ସା ପାଇଁ ତାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଛି। ରଘୁଙ୍କର କେବଳ ୨ଜଣ ନାବାଳିକା ଝିଅ ଅଛନ୍ତି। ତେଣୁ ତାଙ୍କୁ ସମସ୍ତ ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇ ଦେବାକୁ ଦାବି ହୋଇଛି।



ଡାକ୍ତରୀ ଟିମ୍ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

### ମୋବାଇଲ୍ ସେବା ଯୋଗାଇ ଦେବାକୁ ଦାବି କଲେ ଏମ୍‌ପି

ରାୟଗଡ଼ା ଅଫିସ, ୩।୧୨

କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲାକା ସଂସଦରେ ମୋବାଇଲ ସେବାକୁ ନେଇ ପ୍ରଶ୍ନ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ରବି ଶଙ୍କର ପ୍ରସାଦ କହିଛନ୍ତି ଏଲ୍‌ଡ଼ବ୍ଲୁଇ ଫେଜ ୨ ପ୍ରୋଜେକ୍ଟରେ ୨୨୧୭ ମୋବାଇଲ ଟାୱାର ବିଭିନ୍ନ ରାଷ୍ଟ୍ର ପାଇଁ ଅନୁମୋଦନ କରାଯାଇଛି। ସେଥିରେ ଓଡ଼ିଶା ରହିଛି। କିନ୍ତୁ ସେଥିମଧ୍ୟରୁ ଗୋଟିଏ ବି ଟାୱାର ଟାୱାର କୋରାପୁଟ କିମ୍ବା ରାୟଗଡ଼ା କୁ ଆସିନାହିଁ ବୋଲି ଏମ୍‌ପି କହିଥିଲେ। କୋରାପୁଟ ଜିଲାର ୫୧ ଏବଂ ରାୟଗଡ଼ାର ୬୯ ପଞ୍ଚାୟତରେ ଏବେ ମଧ୍ୟ ମୋବାଇଲ ଟାୱାର ନାହିଁ। ସେ ସବୁ ସ୍ଥାନରେ ମୋବାଇଲ ସେବା ଯୋଗାଇ ଦେବାକୁ ଏମ୍‌ପି ଅନୁରୋଧ କରିଛନ୍ତି। ସେଠାରେ ୪ଜି ବ୍ୟବସ୍ଥା କରାଯାଉ ବୋଲି ଏମ୍‌ପି କହିଛନ୍ତି। ମୋବାଇଲ ସେବା ଏବେ ଅତ୍ୟନ୍ତ ଜରୁରୀ। ଜରୁରିକାଳୀନ ପରିସ୍ଥିତି, ସୂଚନା ଏବଂ ଯୋଗାଯୋଗ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍‌ପି କହିଛନ୍ତି।

## ■ ମୁନିଗୁଡ଼ା ବ୍ରାହ୍ମଣ ସମାଜ ବୈଠକ

# ଜାନୁୟାରୀ ୩୧ରେ ସାମୂହିକ ବ୍ରତୋପନୟନ

ମୁନିଗୁଡା,୩।୧୨(ଡି.ଏନ୍.ଏ.)

ମୁନିଗୁଡା ବ୍ରାହ୍ମଣ ସମାଜ ଗୃହରେ ସଭାପତି ସନ୍ତୋଷ କୁମାର ବ୍ରହ୍ମ ଓ ସମ୍ପାଦକ ବାଳକୃଷ୍ଣ ରଥଙ୍କ ମିଳିତ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜାନୁୟାରୀ ୩୧ରେ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଉପସଭାପତି ଅଶ୍ୱିନୀ କୁମାର ପଣ୍ଡା, ଉପଦେଷ୍ଟା ବିଦ୍ୟାଧର ଦାସ, ଜଗବନ୍ଧୁ ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ଗୋପୀନାଥ ଆଚାର୍ଯ୍ୟ ପ୍ରମୁଖ ଏହାର ଦାୟିତ୍ୱ ନେବେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଦାସ, ବୃନ୍ଦାବନ ପାଢ଼ୀ, ପ୍ରଦୀପ କୁମାର ପରିଛା, ଗଣେଶ ପ୍ରସାଦ ପାତ୍ର, ରାମକୃଷ୍ଣ ପାଣିଗ୍ରାହୀ, ପ୍ରଭାତ ପାଣିଗ୍ରାହୀ, ରାମକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସୀମାଞ୍ଚଳ ଦାସ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ନେଇ ପ୍ରଶାସନକୁ ଭେଟିଲେ ସାହି ବାସିନ୍ଦା



ଦାବି ଜଣାଇବାକୁ ଆସିଥିବା କନ୍ଧ ପିଟଲା ସାହି ବାସିନ୍ଦା।

ରାୟଗଡ଼ା ଅଫିସ, ୩।୧୨:

ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ରାୟଗଡ଼ା ସହର ୱାର୍ଡ ନମ୍ବର ୩ କନ୍ଧ ପିଟଲା ସାହି ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ସେଠାରେ ରହି ଆସୁଥିଲେ ମଧ ଏବେବି ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ସାହିରେ ଶୌଚାଳୟ ଓ ଅଙ୍ଗନୱାଡି ବ୍ୟବସ୍ଥା ନାହିଁ। ଫଳରେ ୩୦ରୁ ଅଧିକ ପିଲା ପ୍ରାକ୍ ବିଦ୍ୟାଳୟ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସାହିରେ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। କିନ୍ତୁ ସେମାନଙ୍କ ଆଲୋଚନା ପାଇଁ ଗୋଷ୍ଠୀ ଗୃହଟିଏ ନାହିଁ। ଏସବୁ ସମସ୍ୟା ନେଇ ପୌର ପରିଷଦ ଏବଂ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ବି କିଛି ସୁଫଳ ମିଳିନି ବୋଲି ସାହି ବାସିନ୍ଦା କହିଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ମାଣ୍ଡାଙ୍ଗି ମାରିକାଣୀ, ଗୌରୀ କାଡ୍ରାକା, ଉଷା ବେହେରାଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

### ଅଭ୍ୟାସ ଟେକ୍ନୋ ସ୍କୁଲରେ ବାଜିଲା ପାଣି ପିଇବା ଘଣ୍ଟି

ପଦ୍ମପୁର,୩।୧୨ (ଡି.ଏନ୍.ଏ.)

ପଦ୍ମପୁର ମୁଚିକିପଦରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ମଙ୍ଗଳବାର ପାଣି ୱାଟର ବେଲ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଏସ୍‌ବିଆଇ ପ୍ରବନ୍ଧକ ଜନ୍ମେଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଦ୍ମପୁର ପଞ୍ଚାୟତ ଅଧିକାରୀ ରମେଶ ଚନ୍ଦ୍ର ମହାପାତ୍ର ପାଣି ପିଇବାର ଉପଯୋଗିତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ଅଧକ୍ଷ ବାଳକୃଷ୍ଣ ମିଶ୍ର, ସମ୍ପାଦକ ଲାଡି ତୁକାରାମ ଉପସ୍ଥିତ ଥିଲେ। ସ୍କୁଲ ତରଫରୁ ଛାତ୍ରୀଛାତ୍ରଙ୍କୁ ପାଣି ବୋତଲ ପ୍ରଦାନ କରାଯାଇଥିଲା । ଏହାପରେ ଛାତ୍ରୀଛାତ୍ରଙ୍କ ଓଜନ, ଉଚ୍ଚତା, ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅରୁଣ କୁମାର ମାନସିଂଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି।

# ମିଶନ ଇନ୍ଦ୍ରଧନୁଷ୍ ଆରମ୍ଭ

ଗୁଣପୁର/ପଦ୍ମପୁର, ୩।୧୨(ଡି.ଏନ୍.ଏ.)

ରାୟଗଡାର ବିଭିନ୍ନ ବ୍ଲକରେ ମିଶନ ଇନ୍ଦ୍ରଧନୁଷ ୨.୦ ଆରମ୍ଭ କରାଯାଇଛି। ଗୁଣପୁର ବ୍ଲକସ୍ଥିତ ଜଗନ୍ନାଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁପରିଣ୍ଟେଣ୍ଡେଣ୍ଟ ଡ.ହିମାଂଶୁ କୁମାର ଦାସ, ଆୟୁଷ ମେଡିକାଲ ଅଫିସର ଡ.କାଳୀ ପ୍ରସାଦ ପଣ୍ଡାଙ୍କ ସମେତ ମେଡିକାଲ ଅଫିସର ଏବଂ ପିଏଚଇଓ ଗୋପାଳ କୃଷ୍ଣ ପଟ୍ଟନାୟକ, ବିପିଏମ ସୁନୀଲ ରାୟ, ସୁପରଭାଇଜର, ସ୍ୱାସ୍ଥ୍ୟ, ଅଙ୍ଗନୱାଡି ଓ ଆଶାକର୍ମୀ ଉପସ୍ଥିତ ଥିଲେ। ବୁଧବାର, ରବିବାର ବ୍ୟତୀତ ଅନ୍ୟ ଦିନରେ ସମୁଦାୟ ୮୫ଟି ଟିକାକରଣ ଅଧିବେଶନ କରାଯିବାକୁ ସ୍ଥିର ହୋଇଛି। ଟିକାକରଣରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୧୬ଟି ସବ୍ ଷ୍ଟେଶନକୁ ୧୭ ଗୋଟି ସେକ୍ସନ୍‌ରେ ବିଭକ୍ତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୪୧ ଜଣ ପିଲା ଓ ୭ଜଣ ଗର୍ଭବତୀଙ୍କୁ ଟୀକା ଦିଆଯାଇଥିବା ବିପିଓ ମନୋଜ କୁମାର ପଣ୍ଡା କହିଛନ୍ତି। ତେବେ ଡ୍ରପ୍‌ଆଉଟ ହେଉଯାଉଥିବା ପିଲା ଓ ଗର୍ଭବତୀଙ୍କୁ ଏଥିରେ ସାମିଲ କରାଯାଇଛି। ଟିକାକରଣ ସହ ଏହାର ତଥ୍ୟ ମିଶନ ଇନ୍ଦ୍ରଧନୁଷ ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ନିର୍ଦ୍ଦେଶ ଥିବା ଦିଆଯାଇଛି।



ଆଦିବାସୀ ବସ୍ତିରେ ଟୀକାକରଣ କରାଯାଉଛି।

### ଦିବ୍ୟାଙ୍ଗଙ୍କୁ ସମ୍ମାନ ଦେବା ଆବଶ୍ୟକ

ଗୁଣପୁର,୩।୧୨(ଡି.ଏନ.ଏ)

ଗୁଣପୁର ବ୍ଲକ ସମ୍ମିଳନୀ କକ୍ଷରେ ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ କରାଯାଇଛି। ତାଲୁକ ଆଇନ ସେବା ସଂସ୍ଥା ଅଧକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଏସଡିଜେଏମ୍ ଅରୁନ୍ଧତୀ ଆଚାର୍ଯ୍ୟ, ଜେଏମ୍‌ଏଫସି ଦିପଙ୍କର ବଳ , ବିଡିଓ ଗାୟତ୍ରୀ ଦେବୀ ଅତିଥିଭାବେ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ ହତାଦାର ନ କରି ସମ୍ମାନ ଦେବାକୁ ଅତିଥିମାନେ କହିଥିଲେ। ସେମାନଙ୍କ ପାଇଁ ଥିବା ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସିଡିପିଓ କିରନ ମୁର୍ମୁ, ସିଆରସିସି ରୋଜି କୋରା, ଶିକ୍ଷକ ନୀଳାଞ୍ଚଳ ମିଶ୍ର, ବ୍ଲକର ସହକାରି ଯନ୍ତ୍ରୀ ଦୁର୍ଯୋଧନ ଯାନି ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ରମେଶ ଲିମା ସ୍ୱାଗତ ଭାଷଣ ଏବଂ ଧନ୍ୟବାଦ ଦେଇଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ■ ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ

# ଅନିଶ୍ଚିତତାରେ ମଣ୍ଡିରେ ଧାନ କାରବାର

**ନାମ ପଞ୍ଜୀକରଣ କରି ପାରିନାହାନ୍ତି ଶତାଧିକ ଚାଷୀ**

ବିଷମକଟକ ୩।୧୨

ବିଷମକଟକ ବ୍ଲକ ଚାଟିକୋଣା ନିୟନ୍ତ୍ରଣ ବଜାର କମିଟି ପରିସରରେ ସରକାରଙ୍କ ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଲ୍ୟାମ୍ପସ ସଭାପତି ଦାମୋଦର ବ୍ରାଲିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ବିଷମକଟକ ବ୍ଲକ ଚାଟିକୋଣାରେ ପ୍ରତ୍ୟେକ ମଙ୍ଗଳବାର ଧାନ କିଣାଯିବା ନେଇ ସ୍ଥିର ହୋଇଛି। ଏହି ସମୟରେ ମାତ୍ର ହାତ ଗଣତି ଚାଷୀ ଯୋଗ ଦେଇଥିଲେ। ଧାନ ବିକ୍ରୟ ସମ୍ବନ୍ଧୀୟ ସୂଚନା ଦେବାକୁ କୌଣସି ଅଧିକାରୀ ଯୋଗ ଦେଇନଥିଲେ। ମଣ୍ଡି ଉଦ୍‌ଘାଟନ ନେଇ କୌଣସି ଚାଷୀଙ୍କୁ ଲ୍ୟାମ୍ପସ ପକ୍ଷରୁ ସୂଚନା ଦିଆଯାଇ ନ ଥିଲା। ଉଦ୍‌ଘାଟନି ଉତ୍ସବରେ ଲ୍ୟାମ୍ପସ୍ ଏମ୍‌ଡି ଶିବଶଙ୍କର ପଣ୍ଡୁ ସାହୁ, ଡାଟାଏଣ୍ଟ୍ରି ଅପରେଟର ସୁବାସ ଉଲ୍ଲାକା ଏବଂ ଦୁଇଜଣ ନିୟନ୍ତଣ ବଜାର କମିଟି କର୍ମଚାରୀ ଉପସ୍ଥିତ ଥିଲେ। କିନ୍ତୁ ଏଠାରେ ଧାନ କାରବାରକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଔପଚାରିକତା ଦୃଷ୍ଟିରୁ ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଥିବା ନେଇ ଆଲୋଚନା ହେଉଛି। ଅଞ୍ଚଳର ୧୬୧୫ଜଣ ଚାଷୀ ସେମାନଙ୍କ ନାମ ମଣ୍ଡିରେ ପଞ୍ଜୀକରଣ କରାଇଛନ୍ତି। ଶତାଧିକ ଚାଷୀ ଏବେ ଯାଏ ନାମ ପଞ୍ଜୀକରଣ କରାଇ ନାହାନ୍ତି। ପୁନର୍ବାର କେବେ ପଞ୍ଜୀକରଣ ଆରମ୍ଭ ହେବ ସେ ନେଇ ପଚାରିଲା ବେଳକୁ ଅଧିକାରୀମାନେ ସଠିକ୍ ସୂଚନା ଦେଉ ନାହାନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ବାଧ ହୋଇ ଦଲାଲଙ୍କୁ ଧାନ ଦେବାକୁ ହେବ ବୋଲି ଚାଷୀମାନେ କହିଛନ୍ତି। ବ୍ୟବସାୟୀମାନେ ବେନାମୀ ଜମିଗୁଡିକୁ ନିଜ ନାମରେ ଭାଗ ଚାଷ ଭଳି ଦର୍ଶାଇ ନାମ ପଞ୍ଜୀକରଣ କରି ସରକାରୀ ଟଙ୍କାକୁ ଆତ୍ମସାତ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ସରକାରୀସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ମଣ୍ଡିରେ ଧାନ କିଣା ନେଇ ଲ୍ୟାମ୍ପସ ଏମ୍‌ଡିଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଏବେ ନାମକୁ ମାତ୍ର ମଣ୍ଡି ଉଦ୍‌ଘାଟନ କରଯାଇଛି। ବ୍ଲକରେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୮୧କୁଇଣ୍ଟାଲ ଧାନ କିଣଯିବା ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ଜଣେ ହେଲେ ଚାଷୀଙ୍କ ଟୋକନ ଆସିନାହିଁ। ତେଣୁ ଧାନ କ୍ରୟ ହୋଇନି। ଚାଷୀ ଏହି ଟୋକନ ବ୍ୟବସ୍ଥାକୁ ବିରୋଧ କରୁଥିବା ବେଳେ କେହି କର୍ଣ୍ଣପାତ କରୁ ନାହାନ୍ତି। କରିବାକୁ ପ୍ରସ୍ତୁତ ନୁହଁନ୍ତି । ଚାଷୀ ଧାନର ଉପଯୁକ୍ତ ମୁଲ୍ୟ ଯେପରି ପାଇବେ ସେ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଗଣବଳାତ୍କାର ବିରୋଧରେ ଶୋଭାଯାତ୍ରା ମହମବତି ଜଳାଇ ପୀଡିତାଙ୍କୁ ଶ୍ରଦ୍ଧାଞ୍ଜଳି

**କାଶୀପୁର,୩।୧୨(ଡି.ଏନ୍.ଏ.)**-ନିକଟ ଅତୀତରେ ହାଇଦ୍ରାବାଦରେ ଘଟିଥିବା ଗଣବଳାତ୍କାର ଓ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ପ୍ରତିଦିନ ହେଉଥିବା ବଳାତ୍କାର ବିରୋଧରେ କାଶୀନଗର ନାଗରିକ ମଞ୍ଚ ତରଫରୁ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଛି । ମଞ୍ଚର ସଭାପତି କବି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ହୃଷୀକେଶ ଗୌଡ଼, ରାଜେଶ ପଟ୍ଟନାୟକ, ସିମାଞ୍ଚଳ ମହାରଣା, ରାମଚନ୍ଦ୍ର ବେହେରା, ପି. ଭେଙ୍କଟରାଓ , କଳାକାର କେ. ରାମବାବୁ, ବି. ଗୋପାଳ ରାଓ, ଜାମାନ୍ନା କାରାୟା ଯୋଗଦେଇ ବାଳିକା ଓ ମହିଳାମାନଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀ ଓ ମହିଳା ଯୋଗଦେଇ ପୀଡ଼ିତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବନ୍ଦ ହୋଇ ଯାଇଥିବା ବ୍ଲକ କଲୋନୀ ବିଦ୍ୟାଳୟଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ବ୍ଲକ ହସ୍ପିଟାଲ ଛକସ୍ଥିତ ବଂଶଧାରା ପାଠାଗାରରେ ପହଞ୍ଚିଥିଲା । ପାଠାଗାର ପରିସରରେ ମହମବତୀ ଜଳାଇ ପୀଡିତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମଞ୍ଚ ସଭାପତି କହିଥିଲେ ଯେ, ଗୋଟିଏ ପଟେ ଆମ ସଂସ୍କୃତି ମହାନ ବୋଲି ଆମେ ଦାବି କରୁଥିବା ବେଳେ ଅନ୍ୟପଟେ ମହିଳାମାନଙ୍କୁ ସମ୍ମାନ ଦେଉ ନାହୁଁ । ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ଓ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବା ଲାଗି ମତ ପ୍ରକାଶ ପାଇଥିଲା ।

### ପାର୍ସଲ ବଗିରୁ ସାମଗ୍ରୀ ଚୋରି ଘଟଣାର ପର୍ଦ୍ଦାଫାଶ

### ଷ୍ଟେଶନ ମାଷ୍ଟର ସମେତ ୩ ଗିରଫ

**ଭଦ୍ରକ ଅଫିସ, ୩।୧୨**- ବିଭିନ୍ନ ଟ୍ରେନର ପାର୍ସଲ ଭ୍ୟାନରେ ପଠାଯାଉଥିବା ପ୍ୟାକେଟ୍‌କୁ ଚତୁରତାର ସହ ଖୋଲି ସେଥିରୁ ସାମଗ୍ରୀ ଚୋରି କରାଯିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ଦୁଇଦିନ ତଳେ ହାଓଡ଼ା-ତିରୁଚିରାପଲ୍ଲୀ ଟ୍ରେନର ପାର୍ସଲ ବଗି ଖୋଲି ସେଥିରେ ଥିବା ପ୍ୟାକେଟ୍‌ରୁ ଲକ୍ଷାଧିକ ଟଙ୍କାର ଦାମୀ ଶାଢ଼ି ଚୋରି କରି ନିଆଯାଇଥିଲା। ଏହି ଘଟଣାରେ ଖୋଳତାଡ କରୁଥିବା ଭଦ୍ରକ ଆର୍‌ପିଏଫ୍ କୌଣସି ସୂତ୍ରରୁ ସୂଚନା ପାଇ ଇଷ୍ଟ କୋଷ୍ଟ ରେଳବାଇ ଅଧୀନ ମଞ୍ଜୁରିରୋଡ଼ ଷ୍ଟେଶନରେ ମଙ୍ଗଳବାର ଚଢାଉ କରିଥିଲା। ଆର୍‌ପିଏଫ୍ ଆଇଆଇସି ବିକାଶ ରଞ୍ଜନ ସିଂ ଓ ଏସ୍‌ଆଇ ଲାଲବିହାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ପାର୍ସଲ ବଗିରୁ ପ୍ୟାକେଟ୍ ଖୋଲି ଚୋରି କରି ନିଆଯାଇଥିବା କେତେକ ଦାମୀ ଲୁଗା ସେଠାକାର ଷ୍ଟେଶନ ପରିସରରୁ ଜବତ କରିଥିଲା। ଏହି ଘଟଣାରେ ଆର୍‌ପିଏଫ୍ ମଞ୍ଜୁରିରୋଡ଼ ଷ୍ଟେଶନ ମାଷ୍ଟର କୁର୍ତ୍ତବର୍ମା ଓଝାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗିରଫ ଷ୍ଟେଶନ ମାଷ୍ଟରଙ୍କ ଘର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଣିଆ ଗାଁରେ । ଅନ୍ୟ ଦୁଇ ଗିରଫ ଅଭିଯୁକ୍ତ ହେଲେ ରେଳ କର୍ମଚାରୀ ଟୋକେନ ପୋର୍ଟର ଖୋର୍ଦ୍ଧା ଜିଲା ରାମଚନ୍ଦ୍ରପୁର ଗାଁର ସାମସନ ବିଶ୍ୱାଳ ଏବଂ ମଞ୍ଜୁରିରୋଡ଼ ନିକଟସ୍ଥ ସାତଶୋଳା ଗାଁର ସହଯୋଗକାରୀ ସନ୍ତୋଷ ସେନାପତି। ଏହି ୩ ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଭଦ୍ରକ ଉପକାରାଗାରକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଟୋ ଡ୍ରାଇଭର ଫେରାର ରହିଛନ୍ତି।

■ ଓଡିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକ

# ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

**ପାରଳାଖେମୁଣ୍ଡି, ୩।୧୨(ସ୍ୱ.ପ୍ର.)**



ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକରେ ମଞ୍ଚାସୀନ ଅତିଥି ।

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ପାରଳାଖେମୁଣ୍ଡି ଡିଭିଜନ୍‌ର ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରୀୟ ସଂଘର କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି ଯୋଗଦେଇ ସଭାପତିତ୍ୱ କରିଥିଲେ । ଏଥିରେ କେନ୍ଦ୍ରୀୟ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ମହାପାତ୍ର କହିଥିଲେ ଯେ, ଯେତେବେଳେ ରାଜ୍ୟରେ ୧୯୮୨ରେ ଓଏସ୍‌ଇବି କାର୍ଯ୍ୟ କରୁଥିଲା ସେତେବେଳ ଅପେକ୍ଷା ଏବେ ଯନ୍ତ୍ରୀଙ୍କ ସମେତ ସେକ୍ସନ, ସବ୍-ଡିଭିଜନ ଓ ସର୍କଲ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ମାତ୍ର ସେବେଠାରୁ ଏଯାଏ ଗୋଟିଏ ହେଲେ ଲାଇନ୍‌ମ୍ୟାନ୍ ପଦବୀ ବୃଦ୍ଧି ପାଇନାହିଁ । ୧୯୮୨ରୁ ୨୦୧୯ ପର୍ଯ୍ୟନ୍ତ ତୁଳନା କଲେ ବହୁ ପରିବର୍ତ୍ତନ ଘଟିଛି। ଶ୍ରମିକମାନେ ଏବେ ଯେଉଁ ଆଞ୍ଚଳିକ କ୍ଷେତ୍ରରେ କାମ କରୁଛନ୍ତି ସେମାନେ ରାଜସ୍ୱ ଆଦାୟଠାରୁ ଆରମ୍ଭକରି ଗ୍ରାହକଙ୍କୁ ତୁରନ୍ତ ସେବା ଯୋଗାଇଦେବା ପର୍ଯ୍ୟନ୍ତ ସବୁ କରୁଛନ୍ତି। ଏହା ଶ୍ରମିକ ଶୋଷଣ ନୀତି ବ୍ୟତୀତ କିଛି ନୁହେଁ। ସେମାନଙ୍କ ସେହି କାର୍ଯ୍ୟ ଜଣେ ସ୍ଥାୟୀ କର୍ମଚାରୀ କଲେ ୫୦ ହଜାର ଟଙ୍କା ଦରମା ପାଉଥିବା ବେଳେ ସେହି କାର୍ଯ୍ୟ ଜଣେ ଶ୍ରମିକ ମାତ୍ର ୫/୬ ହଜାର ଟଙ୍କା ଦରମାରେ କରୁଛନ୍ତି ବୋଲି ମହାପାତ୍ର କହିଥିଲେ। ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ଉପଯୁକ୍ତ ପଦବୀ ଓ ଦରମା ଦେବା ପାଇଁ ବୈଠକରେ ଦାବି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ କେନ୍ଦ୍ରୀୟ ସଂଘର ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ବିଶୋୟୀ,କୋଷାଧ୍ୟକ୍ଷ ସଞ୍ଜୀବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପାରଳାଖେମୁଣ୍ଡି ଡିଭିଜନ୍‌ର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଡିଭିଜନ୍ ସମ୍ପାଦକ ଭାବେ ସୁକାନ୍ତ ପଣ୍ଡା, ଉପଦେଷ୍ଟା ଭାବେ ଗୋପୀନାଥ ବିଶ୍ୱାଳ ଏବଂ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭ୍ୟ ଭାବେ ଅଶ୍ୱିନୀ କୁମାର ସ୍ୱାଇଁ ନିର୍ବାଚିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଗୁଣୁପୁର ଡିଭିଜନର ଉପଦେଷ୍ଟା ରାଧାକାନ୍ତ ଦାସ, କେନ୍ଦ୍ରୀୟ ସଂଘର କାର୍ଯ୍ୟକାରୀ ସଭ୍ୟ ପ୍ରଦୀପ କୁମାର ପାଢ଼ୀ, ପୀତାମ୍ବର ପଣ୍ଡା, ରଜତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସୁକାନ୍ତ ପଣ୍ଡା ପରିଚାଳନା କରିଥିଲେ ।



ଯୁବ ନେତୃତ୍ୱ ସମ୍ପର୍କରେ ଅତିଥିମାନେ ଉଦ୍‌ବୋଧନ ଦେଉଛନ୍ତି ।

## ଯୁବ ନେତୃତ୍ୱ, ଯୁବ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୩।୧୨ (ସ୍ୱ.ପ୍ର.)**

ନେହୁରୁ ଯୁବକେନ୍ଦ୍ର ପକ୍ଷରୁ ଏକ ତିନିଦିନିଆ ଯୁବ ନେତୃତ୍ୱ ଓ ଗୋଷ୍ଠୀବିକାଶ କାର୍ଯ୍ୟକ୍ରମ ରାଣୀପେଣ୍ଠସ୍ଥିତ ହୋମ୍ ଅଫ ଲାଇଫଠାରେ ଉଦ୍‌ଘାଟିତ ହୋଇଛି । ଏଥିରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ଜିଲା ପରିଷଦ ଅଧ୍ୟକ୍ଷା ଅନିତା ରାଣୀ ବେହେରା, ପୂର୍ବତନ ପୌରାଧ୍ୟକ୍ଷ ନରସିଂହ ଚରଣ ପଟ୍ଟନାୟକ, କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକ୍ଷ ସିଏଚ. ସୀମାଦ୍ରି, ଜିଲା ପରିଷଦ ସଭ୍ୟ ହିମାଂଶୁ କୁମାର ଲିମା, ଜିଲା ଯୁବକେନ୍ଦ୍ରର ସମ୍ପାଦକ ବିଜୟ କୁମାର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ରାୟଗଡ, ଗୁମ୍ମା, କାଶୀନଗର ଏବଂ ଗୋଷାଣୀ ବ୍ଲକର ପ୍ରାୟ ୨୦ଟି କ୍ଲବର ୪୦ଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ସେମାନଙ୍କୁ ଏହି ୩ ଦିନ ମଧ୍ୟରେ ଶିକ୍ଷା, ଏଚ୍‌ଆଇଭି ଏଡସ, ବ୍ୟକ୍ତିଗତ ବିକାଶ, ବିପର୍ଯ୍ୟୟ ପରିଚାଳନା, ରକ୍ତଦାନ, ବ୍ୟାଙ୍କିଙ୍ଗ୍ ସୁବିଧା ସ୍ୱେଚ୍ଛାକୃତ ସେବା, ଅଗ୍ନି ନିରାପତ୍ତା, ଶିଶୁ ସୁରକ୍ଷା, ନେଟ ବ୍ୟାଙ୍କିଙ୍ଗ୍, ଯୁବ କ୍ଲବନିର୍ମାଣ ଉପରେ ଅବଗତ କରାଯିବ । ଜିଲା ଯୁବ ସଂଯୋଜକ ବିଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ

# ସୁରକ୍ଷା ଦେବ ଆତ୍ମସୁରକ୍ଷା ତାଲିମ

**ପାରଳାଖେମୁଣ୍ଡି,୩।୧୨ (ସ୍ୱ.ପ୍ର.)**



ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ +୩ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଯୋଗଦେଇ ଆଜିର ସମାଜରେ ଛାତ୍ରୀ ଏବଂ ମହିଳାଙ୍କ ପାଇଁ ନିଜର ସୁରକ୍ଷା ଦୃଷ୍ଟିରୁ ଏପରି ତାଲିମର ଆବଶ୍ୟକତା ରହିଛି ବୋଲି କହିଥିଲେ । ବର୍ତ୍ତମାନ ସମାଜରେ ମହିଳାଙ୍କ ପ୍ରତି ଯେପରି ଅତ୍ୟାଚାର, ବଳାତ୍କାର ଘଟଣାମାନ ଘଟୁଛି ସେ କ୍ଷେତ୍ରରେ ଜଣେ ମହିଳା ଯଦି ଆତ୍ମସୁରକ୍ଷା ତାଲିମ ନେଇଥାନ୍ତି ତେବେ ସେ ନିଜକୁ ଏଥିରୁ ରକ୍ଷା କରିପାରିବେ। ସେମାନେ ଆତ୍ମସୁରକ୍ଷା କୌଶଳ ଶିକ୍ଷା କରିଥିଲେ ଯେ କୌଣସି ସ୍ଥାନକୁ ଯେ କୌଣସି ସମୟରେ ଯାତାୟାତ କରିବା ପାଇଁ ଆଉ ମନରେ ଭୟ ରହିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ରୀନା ସାହୁ ସଭାପତିତ୍ୱ କରି ଏହି ତାଲିମ ଶିବିରର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ୧୨ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୨୦ଜଣ ଛାତ୍ରୀ ବିଭିନ୍ନ ପର୍ଯ୍ୟାୟରେ ଭାଗନେଇ ତାଲିମ ନେବେ। ଆଗାମୀ ଦିନରେ ଏହି ତାଲିମ ଶିବିରରେ ପ୍ରଶିକ୍ଷକ ଭାବେ ସୁମିତା ପଣ୍ଡା, ଏସ୍.ମାଧୁରୀ ଦିକ୍ଷୀତ, ପ୍ରିତୀରାଣୀ ନାୟକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଆତ୍ମସୁରକ୍ଷା ତାଲିମ ସଂଯୋଜିକା ସୁନନ୍ଦା ପଟ୍ଟନାୟକ ଏବଂ +୩ ମହିଳା ମହାବିଦ୍ୟାଳୟର ସଂଯୋଜିକା ସୌଦାମିନୀ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ରେଳଲାଇନ ବିଦ୍ୟୁତ୍‌କରଣ ପ୍ରକ୍ରିୟା ଜାରି

**ପାରଳାଖେମୁଣ୍ଡି, ୩।୧୨ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଦେଇଯାଇଥିବା ନୌପଡା-ପାରଳାଖେମୁଣ୍ଡି-ଗୁଣୁପୁର ରେଳ ଲାଇନ ବିଦ୍ୟୁତ୍‌କରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ୨ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି । କାର୍ଯ୍ୟ ଶେଷ ହେଲେ ଏହି ରେଳ ଲାଇନ ମଧ୍ୟରେ ବିଦ୍ୟୁତ ଇଞ୍ଜିନ ମାଧ୍ୟମରେ ଟ୍ରେନ ଚଳାଚଳ କରିବ । ପୂର୍ବରୁ ଆନ୍ଧ୍ରର ଗାଙ୍ଗୁବାଡା ଏବଂ ଓଡିଶାର କାଶୀନଗର ଷ୍ଟେସନରେ କ୍ରସିଂ ବ୍ୟବସ୍ଥା ରହିଥିବାବେଳେ ତାହା ବର୍ତ୍ତମାନ ଉଠାଇ ନିଆଯାଇଛି । ତାକୁ ପୁନର୍ବାର ସ୍ଥାପନ କରିବା ପାଇଁ ଦାବି ହୋଇଆସୁଛି। ସମ୍ପୂର୍ଣ୍ଣ ବିଦ୍ୟୁତ୍‌କରଣ ପରେ ସେକେଣ୍ଡ ଡିଏମ୍ୟୁ କିମ୍ବା କଟକ-ଇଚ୍ଛାପୁରମ ଟ୍ରେନ୍‌କୁ ଯଦି ପାରଳାଖେମୁଣ୍ଡି ଦେଇ ଗୁଣୁପୁର ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇପାରନ୍ତା ଯାତ୍ରୀମାନେ ଉପକୃତ ହୁଅନ୍ତେ ବୋଲି ଆଇନଜୀବୀ ତଥା ଜିଲା ଉତ୍କଳ ସମ୍ମିଳନୀର ଉପସଭାପତି ବଟକୃଷ୍ଣ ପାତ୍ର କହିଛନ୍ତି ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ

**ପାରଳାଖେମୁଣ୍ଡି, ୩।୧୨ (ସ୍ୱ.ପ୍ର.)**

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠଠାରେ ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲା ଓ ଦୌରା ଜଜ ଅରୁଣ କୁମାର ସାହୁ ଯୋଗଦେଇ ମାନସିକ ସୁସ୍ଥ ରହିବାକୁ ହେଲେ କିଭଳି ଆମକୁ ସଜାଗ ରହିବାକୁ ହେବ ସେ ବିଷୟରେ ବୁଝାଇଥିଲେ । ଭିନ୍ନକ୍ଷମ ହେଲେ ହେଁ ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାରକୁ ଗୁରୁତ୍ୱ ଦେବାପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ରୂପେ ପ୍ରାଧିକରଣ ସମ୍ପାଦିକା ଦୀପା ଦାସ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ଓ ଭିନ୍ନକ୍ଷମ ପାଇଁ ରହିଥିବା ବିଭିନ୍ନ ମାଗଣା ଆଇନ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗଜପତି ଜିଲା ଦେୱାନି ଅଦାଲତର ବିଚାରପତି ବ୍ୟୋମକେଶ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକ ଯୋଗଦେଇ ଭିନ୍ନକ୍ଷମଙ୍କ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ନିୟମ ଓ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ବିଚିତ୍ରାନନ୍ଦ ବେବର୍ତ୍ତା ପରିଚାଳନା କରିଥିଲେ ।



ଆଇନସେବା ସଚେତନତା ଶିବିରରେ ଭିନ୍ନକ୍ଷମଙ୍କ ଗହଣରେ ଅତିଥିମାନେ ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ରାୟଗଡ଼(ଗଜପତି)/କାଶୀନଗର, ୩।୧୨(ଡି.ଏନ୍.ଏ.)**



ଭିନ୍ନକ୍ଷମ ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା ।

ଗଜପତି ଜିଲା ରାୟଗଡ଼ ବ୍ଲକ ସଦରସ୍ଥ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ମନୋରଞ୍ଜନ ସେଠୀ, ସମ୍ମାନିତ ଅତିଥି ଏବିଇଓ ଏସ୍. ପାପାରାଓ, ଧନେଶ୍ୱର କହଁର ଯୋଗଦେଇଥିଲେ । ଏଥିରେ ବ୍ଲକର ୯୫ ଜଣ ଦିବ୍ୟାଙ୍ଗ ଯୋଗଦେଇଥିଲେ । ହାତରେ ପ୍ଲା କାର୍ଡ ଓ ବ୍ୟାନର ଧରି ବିଭିନ୍ନ ସ୍ଲୋଗାନ ଦେଇ ଶିବ ମନ୍ଦିରଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ସହର ପରିକ୍ରମା କରିଥିଲେ । ମ୍ୟୁଜିକ୍ ଚେୟାର, ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଏଥିରେ ପିଲାମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ସାଧନକର୍ମୀ ଦାଶରଥି ନାୟକ ପରିଚାଳନା କରିଥିଲେ ।

ସେହିପରି କାଶୀନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସଭାଗୃହରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବାରାଣସୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାଶ୍ୟାମ ସାହୁ, ସମସ୍ତ ସିଆରସିସି ଓ ୨ଜଣ ଗୋଷ୍ଠୀ ସମ୍ବଳ ଶିକ୍ଷକ ସହଯୋଗ କରିଥିଲେ। ଦିବ୍ୟାଙ୍ଗଙ୍କ ମଧ୍ୟରେ ୫ଟି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ବାଳକ, ବାଳିକା ଭାଗ ନେଇଥିଲେ। ଦିବ୍ୟାଙ୍ଗ ବାଳକ ବାଳିକାମାନଙ୍କୁ ବ୍ୟାଗ, ଟୋପି ଏବଂ ସେମାନଙ୍କ ଯିବାଆସିବା ପାଇଁ ଖର୍ଚ୍ଚ ଦିଆଯାଇଥିଲା ।






# ନିଯୁକ୍ତି ଦାବିରେ ଗ୍ରାମ ରୋଜଗାର ସେବକଙ୍କ ଧାରଣା

**ପାରଳାଖେମୁଣ୍ଡି, ୩।୧୨ (ସ୍ୱ.ପ୍ର.) –**


ଧାରଣାରେ ବସିଥିବା ଜିଆରଏସ୍‌ମାନେ ।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମ ରୋଜଗାର ସେବକ ପଦବୀ ପାଇଁ ଆବେଦନ କରିଥିବା ଜିଲାର କେତେକ ଯୁବତୀ ଯୁବକ ମଙ୍ଗଳବାର ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ । ସେମାନେ ପରୀକ୍ଷା ଦେବା ସହ ସେମାନଙ୍କ ନାମ ମେରିଟ ତାଲିକାରେ ପ୍ରକାଶ ପାଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ମିଳିନାହିଁ । ମେରିଟ୍ ତାଲିକା ପ୍ରକାଶ ପାଇବା ପରେ ନିୟମ ମୁତାବକ ସେମାନଙ୍କୁ କମ୍ପ୍ୟୁଟର ଶିକ୍ଷାଗତ ପ୍ରମାଣପତ୍ର ଦେବାକୁ କୁହାଯାଇଥିଲା । ମାତ୍ର ସେମାନେ ଯେଉଁ ବିଜ୍ଞାପନ ଦ୍ୱାରା ଏହି ପଦବୀ ପାଇଁ ଆବେଦନ କରିଥିଲେ ସେ ସମୟରେ ଏପରି ନିୟମ ନ ଥିଲା। ସେମାନେ ନିଜର ଘରୋଇ କମ୍ପ୍ୟୁଟର ଶିକ୍ଷା ପ୍ରମାଣପତ୍ର ପ୍ରଦାନ କରିଥିଲେ । ମେରିଟ ତାଲିକା ବାହାରିବା ପରେ ପରିବର୍ତ୍ତିତ ନିୟମ ଲାଗୁ କରି ସେମାନଙ୍କୁ ନିଯୁକ୍ତିରୁ ବାଦ ପକାଯାଇଛି। ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଦାବି କରି ମଙ୍ଗଳବାର ଧାରଣା ଦେଇଥିଲେ। ଅନ୍ୟପକ୍ଷରେ ପୁରୀ କନ୍ଧମାଳ, ସୁନ୍ଦରଗଡ, ବଲାଙ୍ଗୀର, ବାଲେଶ୍ୱର ଇତ୍ୟାଦି ଜିଲାରେ ଘରୋଇ କମ୍ପ୍ୟୁଟର ଶିକ୍ଷା ପ୍ରମାଣପତ୍ର ଗ୍ରହଣ କରାଯାଇଥିବାବେଳେ ଗଜପତିରେ ଏନେଇ ଆବେଦନକାରୀଙ୍କୁ ହତାସ ହେବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ୧୪ ରୁଟ୍‌ରେ ୩୫ରୁ ଊର୍ଦ୍ଧ୍ୱ ବସ୍ ବନ୍ଦ

**ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ**

ଜୟପୁର,୩ା୧୨(ନି.ପ୍ର)

ମାଓବାଦୀଙ୍କ ପିଏଲଜିଏ ସପ୍ତାହ ପାଳନ ହେଉଥିବାରୁ ଅବିଭକ୍ତ କୋରାପୁଟ ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ଜୟପୁରରୁ ମାଲକାନଗିରି ବସ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସୁରକ୍ଷା ଦୃଷ୍ଟିରୁ ଅବିଭକ୍ତ କୋରପୁଟ ଜିଲାରେ ୩୫ରୁ ଅଧିକ ସରକାରୀ ବସ୍ ଚଳାଚଳକୁ ବନ୍ଦ କରାଯାଇଛି । ୧ ତାରିଖଠାରୁ ବସ୍ ଚଳାଚଳ ବନ୍ଦ ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି । ଜୟପୁର ଜୋନର ପାଖାପାଖି ୧୪ଟି ରୁଟରେ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ମାଓବାଦୀମାନେ ଯେପରି କିଛି କାଣ୍ଡ ନ ଘଟାଇ ପାରନ୍ତି ସେଥିଲାଗି ଜିଲା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମାଲକାନଗିରି ଜିଲା ରୁଟ୍‌ରେ ୨୦ଟି ସରକାରୀ ବସ୍ ବନ୍ଦ ରଖାଯାଇ ଥିବା ବେଳେ ପାରଳାଖେମୁଣ୍ଡି- ଫୁଲବାଣୀ ରୁଟ୍‌ରେ ୪ଟି ବସ୍ ବନ୍ଦ କରାଯାଇଛି। ଆନ୍ଧ୍ରର ଆରକୁ ଗୋଟିଏ ବସ୍, ପାବତୀପୁରମ ଗୋଟିଏ, କାଶୀପୁର ଦୁଇଟି, ଭଦ୍ରାଚଳମ ଦୁଇଟି ,ଗୁଣପୁର ଦୁଇଟି ଓ ଭାୟା ରାୟଗଡା ଦେଇ ଯାଉଥିବା ବ୍ରହ୍ମପୁର, ଭଞ୍ଜନଗର ଓ ଭୁବନେଶ୍ୱରକୁ ଯାଉଥିବା ୮ଟି ବସକୁ ବନ୍ଦ କରାଯାଇଛି । ଜିଲା ପୋଲିସ ତରଫରୁ ସୀମାନ୍ତ ଅଞ୍ଚଳକୁ ସିଲ୍ କରିବା ସହ କୋମ୍ବିଂ ଅପରେଶନ୍ ଜୋରଦାର କରାଯାଇଛି । ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡିଥିବାରୁ ଜିଲା ପୋଲିସ ତରଫରୁ ଭୟଭୀତ ହେବାର କିଛି ଆଶଙ୍କା ନାହିଁ ବୋଲି କୁହାଯାଇଛି। ଅନ୍ୟପଟେ ପିଏଲଜିଏ ସପ୍ତାହକୁ ସଫଳ କରିବା ଲାଗି ମାଓବାଦୀମାନେ କୋରାପୁଟ, ମାଲକାନଗିରି, ରାୟଗଡା ଜିଲାର ସୀମାନ୍ତ ଅଞ୍ଚଳରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଆହ୍ୱାନ ଦେଇଛନ୍ତି। ଏହି ସପ୍ତାହ ପାଳନ ସମୟରେ ମାଓବାଦୀ ସଂଗଠନର କେନ୍ଦ୍ରୀୟ କମିଟିର ନେତାମାନେ ଅଞ୍ଚଳ ଗସ୍ତ କରି ସଂଗଠନକୁ ଅଧିକ ଶକ୍ତିଶାଳୀ କରାଯିବା, ପୋଲିସ ତଥା ସୁରକ୍ଷା ବଳଙ୍କ ମଧ୍ୟରେ ଅଧିକରୁ ଅଧିକ ଭୟ ସୃଷ୍ଟି କରାଇବା,ଯେଉଁ ଅଞ୍ଚଳରେ ସଂଗଠନ ଦୁର୍ବଳ ଅଛି,ସେଠି ସ୍ଥାନୀୟ ଲୋକଙ୍କୁ କିଭଳି ଅକ୍ତିଆର କରାଯିବ ସେ ନେଇ କ୍ୟାଡରଙ୍କୁ ଅବଗତ କରାଯାଇଛି। ଜୟପୁର ଷ୍ଟେଶନ ମାଷ୍ଟର ପ୍ରମୋଦ କୁମାର ସାହୁ କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ବସ ଚଳାଚଳ ପ୍ରଭାବିତ ହୋଇଛି। ଆସନ୍ତା ୯ ତାରିଖରୁ ସ୍ୱାଭାବିକ ହେବ।

## ସଂକ୍ଷେପରେ



### ଶକ୍ତି ସଂରକ୍ଷଣ ପରୀକ୍ଷାରେ ଡିପିଏସ୍‌କୁ ସଫଳତା

ଦାମନଯୋଡ଼ି, ୩ା୧୨ (ଡି.ଏନ୍.ଏ.): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ଗତ ୧ ତାରିଖରେ କୋରାପୁଟ ସରକାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ପ୍ରାୟୋଜିତ ଏବଂ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ସହଯୋଗରେ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। କୋରାପୁଟ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଦାମନଯୋଡ଼ିର ଦିଲ୍ଲୀ ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ହୃଦୟ ଚନ୍ଦନ ସାହୁ ଓ ୯ମ ଶ୍ରେଣୀ ଛାତ୍ରୀ ସ୍ୱାଗତିକା ଚେଙ୍ଗୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ପ୍ରମାଣ ପତ୍ର ଏବଂ ନଗଦ ଅର୍ଥରାଶି ଯଥାକ୍ରମେ ୧ ହଜାର ଟଙ୍କା ଓ ୮ ଶହ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏମାନେ ଆସନ୍ତା ୮ ତାରିଖ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଜିଲା ପବ୍ଲିକ ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକ, କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବରଗୁଡ଼ାରୁ ମିଶନ ଇନ୍ଦ୍ରଧନୁଷର ଶୁଭାରମ୍ଭ

କୋରାପୁଟ,୩ା୧୨(ସ୍ୱ.ପ୍ର.): କୋରାପୁଟ ବ୍ଲକ ବରଗୁଡ଼ା ଗ୍ରାମଠାରେ ସୋମବାର ଜଣେ ଶିଶୁକୁ ଟିକା ଦେଇ ଜିଲାପାଳ ମଧୁସୂଦନ ମିଶ୍ର ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ବରଗୁଡ଼ା ଗ୍ରାମ ନିକଟରେ ଥିବା ଗାଦବାଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମକରନ୍ଦ ବେଉରା, ଏଡିଏମ୍‌ଓ ଡାକ୍ତର ଅରୁଣ କୁମାର ପାଢ଼ୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଂଯୋଜକ ଶୁଭ୍ରକାନ୍ତ ଗନ୍ତାୟତ ଯୋଗ ଦେଇଥିଲେ।

### ଭିନ୍ନକ୍ଷମ ଦିବସ ପାଳିତ

ବନ୍ଧୁଗାଁ,୩ା୧୨(ଡି.ଏନ୍.ଏ.): ବନ୍ଧୁଗାଁରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ମାନସ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବନ୍ଧୁଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୫୮ ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ବନ୍ଧୁଗାଁ ଗୋଷ୍ଠୀ ଶିକ୍ଷାଧିକାରୀ ଏହାକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସିଆରସିସି ମାନସ ରଞ୍ଜନ ନାୟକ ସମସ୍ତ ପ୍ରକାର କ୍ରୀଡା ପରିଚାଳନା କରିଥିଲେ। ଶେଷରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମଦନ ମୁଦୁଲି ଧନ୍ୟବାଦ ଦେଇଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଏସ୍‌ଏପି ସଦସ୍ୟମାନେ।

## ନାଲ୍‌କୋରେ ତୁରନ୍ତ ନିଯୁକ୍ତି ପାଇଁ ଜିଲାପାଳଙ୍କୁ ଭେଟିଲା ଏସ୍‌ଏପି ସଂଘ

କୋରାପୁଟ,୩ା୧୨(ସ୍ୱ.ପ୍ର.)

ଦାମନଯୋଡ଼ିସ୍ଥିତ ନାଲ୍‌କୋରେ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀ ଓ ଆରଡିସିଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସୋମବାର ନାଲ୍‌କୋର ଏସ୍‌ଏପି ଆସୋସିଏଶନ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ନାଲ୍‌କୋ ଦାମନଯୋଡ଼ିରେ ୧୮୧ ଏସ୍‌ଏପି ପରିବାରକୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ୨୭ ଜୁଲାଇ ୨୦୧୫ରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଗତ ନବମ ଆରପିଡିଏସି ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ମଧ ଏହି ନିଯୁକ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୪ ବର୍ଷ ବିତିଯାଇଥିଲେ ମଧ ନାଲ୍‌କୋ ଏହି ନିର୍ଦ୍ଦେଶକୁ ଅମାନ୍ୟ କରି ସେମାନଙ୍କ ପ୍ରତି ଅବହେଳା କରିଆସୁଥିବା ଅଭିଯୋଗ କରି ଆସୋସିଏଶନ ସଭାପତି ସୁରଜ ସିହରିଆ, ସମ୍ପାଦକ ହୃସ୍ତାଶବିର ଟାକ୍ରି ଓ ଯୁଗ୍ମ ସଂପାଦକ କିରଣ କୁଲଦୀପ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ପତ୍ର ଦେଇଛନ୍ତି। ନାଲ୍‌କୋ ଦ୍ୱାରା ବର୍ତ୍ତମାନ କ୍ଷତିଗ୍ରସ୍ତ ୪୧୬ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୩୫ ଓ ପରେ ଅନ୍ୟ ୧୮୧ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଆରଡିସି ଓ ମୁଖ୍ୟମନ୍ତ୍ରୀ କହିଥିଲେ। ୩ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଏସ୍‌ଏପି ଆସୋସିଏଶନ ଆନ୍ଦୋଳନ କରିବ ବୋଲି କହିଛି।

**ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରଦର୍ଶନୀ**

## ପ୍ରଦର୍ଶିତ ହେଲା ୮୪ ପ୍ରକଳ୍ପ

ଜୟପୁର, ୩ା୧୨(ନି.ପ୍ର/ଡି.ଏନ.ଏ)



ଅତିଥିମାନେ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୧୦ମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଜିଲା ଶିକ୍ଷା କାର୍ଯ୍ୟାଳୟ କୋରାପୁଟ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀରେ ହସ୍ତତନ୍ତ, ବୟନ ଏବଂ ହସ୍ତକଳା ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ,ଏସଡିପିଆରଓ ଜଗନ୍ନାଥ ପ୍ରସାଦ ରାୟଗୁରୁ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ପଣ୍ଡା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଆର୍. ଶିବଶଙ୍କର ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୨ ଦିନ ଧରି ଚାଲିବାକୁ ଥିବା ପ୍ରଦର୍ଶନୀରେ ଜିଲାର ୧୪ ବ୍ଲକରୁ ୮୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶ୍ରେଷ୍ଠ ୬ ପ୍ରକଳ୍ପ ଆସନ୍ତା ୨୧ ତାରିଖରେ ଅନୁଗୋଳରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରକଳ୍ପରେ ପ୍ରଦର୍ଶିତ ହେବ । ଏଥିସହ ବିଜ୍ଞାନ ବିତର୍କ, ଚିତ୍ରାଙ୍କନ, ବିଜ୍ଞାନାଲୋଚନା, କୌତୁକ ପୋଷାକ ଆଦି ପ୍ରତିଯୋଗିତା ଆୟୋଜିତ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ ହୋଇଥିଲା ।

## ଆଇଟିଆଇର ୨ କର୍ମଚାରୀ ନିଲମ୍ବିତ

ଜୟପୁର,୩ା୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଆମ୍ବାଗୁଡ଼ାସ୍ଥିତ ଗୋପବନ୍ଧୁ ସରକାରୀ ଆଇଟିଆଇର ଜଣେ ଶିକ୍ଷକ ଓ ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ବୈଷୟିକ ବିଭାଗ ନିର୍ଦ୍ଦେଶକ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକ ଓ ତୃତୀୟ ଶ୍ରେଣୀ କର୍ମଚାରୀ ଅନ୍ୟ ସ୍ଥାନକୁ ବଦଳି ହୋଇଯାଇଥିଲେ ସୁଦ୍ଧା ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। କାର୍ଯ୍ୟରେ ଅବହେଳା ଓ ଦାୟିତ୍ୱହୀନତା ଦର୍ଶାଇ ସେମାନଙ୍କୁ ନିଲମ୍ବିତ କରାଯାଇଛି। ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଉଭୟ ନିଲମ୍ବିତ କର୍ମଚାରୀଙ୍କ କକ୍ଷରୁ ଆଲମାରି ତାଲା ଭଙ୍ଗାଯାଇ ଫାଇଲ ଓ ଅନ୍ୟ ଦାୟିତ୍ୱରେ ଥିବା ସରକାରୀ ନଥିପତ୍ର ଜବତ କରାଯାଇଛି।

**ସାତସିମିଳିରେ ପାନୀୟ ଜଳ ସାତ ସପନ**

## ଅଚଳ ଜଳ ପ୍ରକଳ୍ପ, ଭାଙ୍ଗିଲାଣି ଷ୍ଟାଣ୍ଡପୋଷ୍ଟ



ଜଳ ଯୋଗାଣ ପାଇଁ ସୋଲାର ପ୍ଲେଟ୍ ଲଗାଯାଇଛି।

ନନ୍ଦପୁର,୩ା୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥୁବା ପଞ୍ଚାୟତ ଅନ୍ତର୍ଗତ ସାତସିମିଳି ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦ୍ୱାରା ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇ ପଡ଼ିଛି। ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ମଧ ଭାଙ୍ଗିଗଲାଣି। ଏହି ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ କୋଡ଼ିଏ ଲକ୍ଷ ଟଙ୍କା ବ୍ୟୟରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିରେ ଗ୍ରାମରେ ୧୦ଟି ଷ୍ଟାଣ୍ଡ ପୋଷ୍ଟ କରାଯାଇ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ଗ୍ରାମବାସୀ ଭାବିଥିଲେ ଜଳ ସମସ୍ୟା ଦୂର ହେବ। କିନ୍ତୁ କିଛି ଦିନ ଜଳ ଯୋଗାଣ ହେବ ପରେ ତାହା ବନ୍ଦ ହୋଇଯାଇଥିଲା। ବର୍ତ୍ତମାନ ଗ୍ରାମବାସୀ ଗୋଟିଏ କୂଅ ଏବଂ ଦୁଇଟି ନଳକୂପ ଉପରେ ନିର୍ଭର କରୁଛନ୍ତି। କୂଅ ଏବଂ ନଳକୂପର ପାଣି ଯଥେଷ୍ଟ ନ ହେବାରୁ ଚୁଆପାଣି ବ୍ୟବହାର କରିବାକୁ ସେମାନେ ବାଧ ହେଉଛନ୍ତି। ଅନ୍ୟପକ୍ଷରେ ଜଳ ଯୋଗାଣ ବନ୍ଦ ହେବା ଯୋଗୁ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିରୁଜି ଗଲାଣି। ବିଭାଗୀୟ ଉଦାସୀନତା ଯୋଗୁ ଜଳ ଯୋଗାଣ କେନ୍ଦ୍ର ମଧ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଏଠାକୁ ସଂଯୋଗ ହୋଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ିଯାଇ ବର୍ଷ ବର୍ଷ ବିତିଯାଇଥିଲେ ମଧ ମରାମତି ହୋଇପାରିନାହିଁ। ଏହାପରେ ଏଠାରେ ସୌରଶକ୍ତି ସାହାଯ୍ୟରେ ଜଳ ଯୋଗାଣ ପାଇଁ ସୋଲାର ପ୍ଲେଟ୍ ଲଗାଇ ଦିଆଗଲା। କିନ୍ତୁ ଏହା ସତ୍ତ୍ୱେ ଜଳ ଯୋଗାଣ ସୁଚାରୁ ରୂପେ ହୋଇପାରିଲା ନାହିଁ। ଏଣୁ ଏହି ଜଳ ଯୋଗାଣ କେନ୍ଦ୍ରକୁ ଯଥା ଶୀଘ୍ର ମରାମତି କରି ଜଳ ଯୋଗାଇବା ପାଇଁ ଗ୍ରାମବାସୀ ତ୍ରିନାଥ ମାଛ, ଯୋଗେଶ ଖିଲ, ରମେଶ ଖିଲ, କେଶବ ଖିଲ, ଦୟାନିଧି ଖରା ଦାବି କରିଛନ୍ତି।

**ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ**

## ଜିଏମ୍, ବିଜେବି ଜୁନିୟର କଲେଜ ଚାମ୍ପିୟନ



ଅତିଥିଙ୍କ ଗ୍ରହଣରେ କୃତୀ ପ୍ରତିଯୋଗୀ।

ଦାମନଯୋଡି, ୩ା୧୨(ଡି.ଏନ.ଏ)

ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ଯୁକ୍ତ ୨ କାଉନସିଲ) ପକ୍ଷରୁ ୩ ଦିନିଆ ରାଜ୍ୟସ୍ତରୀୟ ଯୁକ୍ତ ୨ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ଟାଉନଶିପସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ବାଳକ ବିଭାଗରେ ସମ୍ବଲପୁର ଗଙ୍ଗାଧର ମେହେର କଲେଜ (ଜିଏମ) ଓ ବାଳିକା ବିଭାଗରେ ଭୁବନେଶ୍ୱରର ବିଜେବି ଜୁନିୟର କଲେଜ ଚାମ୍ପିୟନ ହୋଇଛି । ଉଭୟ ବାଳକ ଓ ବାଳିକା ବିଭାଗରେ ଦାମନଯୋଡିର ସରସ୍ୱତୀ ବିଦ୍ୟାମନ୍ଦିର (ଆୟୋଜକ ସ୍କୁଲ) ରନର୍ସଅପ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରୁ ଉଭୟ ବାଳକ ଓ ବାଳିକାଙ୍କ ମଧ୍ୟରୁ ୧୦ଜଣଙ୍କୁ ରାଜ୍ୟସ୍ତରୀୟ ଦଳ ପାଇଁ ବଛାଯାଇଛି। ଉକ୍ତ କୃତୀ ପ୍ରତିଯୋଗୀ ମହାରାଷ୍ଟ୍ରର ପୁଣେଠାରେ ସ୍କୁଲ ମେମସ ଫେଡେରେସନ ପକ୍ଷରୁ ହେଉଥିବା ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗ ନେବେ । ନାଲକୋ କମ୍ୟୁନିଟି ସେଣ୍ଟରର ବ୍ୟାଡମିଣ୍ଟନ ହଲରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଖବରଦାତା ନରସିଂହ ବ୍ରହ୍ମା, ସାମାଜିକ କର୍ମୀ ବିଜୟ କୁମାର ଆଚାର୍ଯ୍ୟ ଓ ଜଳେନ୍ଦ୍ର ତ୍ରିପାଠୀ ଅତିଥି ରୂପେ ଯୋଗ ଦେଇଥିଲେ। ସରସ୍ୱତୀ ବିଦ୍ୟାମନ୍ଦିରର ଭାରପ୍ରାପ୍ତ ଅଧକ୍ଷା ସୁଷମା ମହାନ୍ତି, ସମୀର ସାହୁ ଓ ପର୍ଯ୍ୟବେକ୍ଷକ ସୁଧାଂଶୁ ପଣ୍ଡା ଏହାକୁ ପରିଚାଳନା କରିଥିଲେ। ଏଥିରେ ସନ୍ତୋଷ ଖଣ୍ଡେଇ, ଅଶ୍ୱିନୀ ଦାସ ଓ ବିଶ୍ୱଭୂଷଣ ବେହେରା ରେଫରି ଥିଲେ। ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ୩ଦିନିଆ ଟୁର୍ନାମେଣ୍ଟକୁ ଶାରୀରିକ ଶିକ୍ଷା ଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ , ଡ. ନିରୋଜ ପ୍ରଧାନ ଓ ସୁଲଳନା ପ୍ରିୟଦର୍ଶିନୀ ପଣ୍ଡା ପରିଚାଳନା କରିଥିଲେ। ବିଭିନ୍ନ କଲେଜରୁ ଆସିଥିବା ଛାତ୍ରୀଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଜାତୀୟ ପ୍ରଦର୍ଶନୀକୁ ଗଲା ଡିପିଏସ୍ ପ୍ରକଳ୍ପ

ଦାମନଯୋଡ଼ି,୩ା୧୨(ଡି.ଏନ୍.ଏ.)

ନାଲ୍‌କୋ ଟାଉନଶିପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ସପ୍ତମ ଶ୍ରେଣୀର ୨ ଛାତ୍ର ଅଂଶୁମାନ ସାହୁ ଓ ଅର୍ମାନ ଦାସଙ୍କ ପ୍ରକଳ୍ପ ସିବିଏସ୍‌ଇ ଦ୍ୱାରା ଜାନୁୟାରୀରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରଦର୍ଶନୀ ପାଇଁ ମନୋନୀତ ହୋଇଛି। ନଭେମ୍ବର ୨୯ ଓ ୩୦ରେ ଭୁବନେଶ୍ୱରସ୍ଥିତ ଡୁନ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ସିବିଏସ୍‌ଇ ଆଞ୍ଚଳିକସ୍ତରୀୟ ବିଜ୍ଞାନ ପ୍ରଦର୍ଶନ ହୋଇଥିଲା। ସେଠାରେ ଅଂଶୁମାନ ଓ ଅର୍ମାନଙ୍କ ପ୍ରକଳ୍ପ 'ସ୍ମାର୍ଟ ନଗରୀ ଯେଉଁଥିରେ ଆଧାର ସଂଯୋଗ ଥାଇ ଡଷ୍ଟବିନ୍, ସ୍ମାର୍ଟ ଟଏଲେଟ୍, ଟ୍ରାଫିକ ଛକରେ ସରଳ ପ୍ରଦୂଷଣ ନିୟନ୍ତ୍ରଣ ଯନ୍ତ୍ର' ଉଚ୍ଚପ୍ରଶଂସିତ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକସ୍ତରୀୟ ପ୍ରଦର୍ଶନୀରେ ଡିପିଏସ୍‌ର ଷଷ୍ଠଶ୍ରେଣୀର ୨ ଛାତ୍ର ଓମ୍‌ପ୍ରକାଶ ସାହୁ ଓ ବିଭୂତିଶେଖର ଦିଶାରୀ ମଧ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ। ଡିପିଏସ୍ ଅଧକ୍ଷା ଦୀପାନ୍ୱିତା ଦାସ କୃତୀ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମଣ୍ଡିକୁ ଆସିଥିବା ଧାନ ବୋଝେଇ ଟ୍ରକ।

## ବିଭିନ୍ନ ମଣ୍ଡିରୁ କିଣାଗଲା ଧାନ

ଜୟପୁର,୩ା୧୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଗତ ୧୫ ତାରିଖରେ ମଣ୍ଡିର ଶୁଭାରମ୍ଭ ହୋଇଥିଲେ ମଧ ଚାଷୀଙ୍କ ଅମଳ ଧାନ ମଣ୍ଡିକୁ ଆସି ନ ଥିବା ଯୋଗୁ କ୍ରୟ ହୋଇ ନ ଥିଲା। କିନ୍ତୁ ସୋମବାରଠାରୁ ଧାନକିଣା ଜୋର୍ ଧରିଛି । ଖବର ଲେଖା ହେବା ସୁଦ୍ଧା ୧୩୬ ଜଣ ଚାଷୀଙ୍କ ୯୧୬୭.୭୪ କୁଇଣ୍ଟାଲ ଧାନ କିଣାଯାଇଛି। ସେଥିରୁ ୫ଟି ଲ୍ୟାମ୍ପ ପକ୍ଷରୁ ୧୨୯ ଜଣ ଚାଷୀଙ୍କଠାରୁ ୮୭୩୩.୨୦ କୁଇଣ୍ଟାଲ ଏବଂ କାମତା ମଣ୍ଡିରେ ଏସ୍‌ଏଚ୍‌ଜି ପକ୍ଷରୁ ୫ ଜଣ ଚାଷୀଙ୍କଠାରୁ ୪୪୪.୫୪ କୁଇଣ୍ଟାଲ ଧାନ କିଣାଯାଇଛି। ଜୟପୁର ଉପଖଣ୍ଡ କୋଟପାଡ଼ ବ୍ଲକର ଧନଶୁଳି, ବୋବେୟା, କୋଟପାଡ଼ ସଦର, ବୋରିଗୁମ୍ମା ବ୍ଲକର ଲ୍ୟାମ୍ପ ପକ୍ଷରୁ ସଦର ଏବଂ କାମତା ଲ୍ୟାମ୍ପ ଏବଂ ମହିଳା ଏସ୍‌ଏଚ୍‌ଜି ପକ୍ଷରୁ କୁମୁଲି, କାମତା, ସେମଳାଗୁଡ଼ା, କୁନ୍ଦୁରା ବ୍ଲକ ସଦର ଏବଂ ମସିଗାଁରେ ଧାନ କିଣା ହୋଇଛି। ଜୟପୁର ବ୍ଲକ ଉମୁରି ଲ୍ୟାମ୍ପର ଆରଏମ୍‌ସି ମେର୍କଟ ୟାର୍ଡ ଏବଂ କୁମୁଳିପୁଟ ଲ୍ୟାମ୍ପ ପକ୍ଷରୁ ସଦରରେ ଧାନ କିଣାଯାଇଛି। କିନ୍ତୁ ଧାନର ମାନକୁ ନେଇ କୁଇଣ୍ଟାଲ ପିଛା ଅଧିକ ୨ରୁ ୩ କିଲୋଗ୍ରାମ ଧାନ କଷ୍ଟମ ମିଲିଂ ଚାଉଳ ମିଲ୍ ପକ୍ଷରୁ ଦାବି କରାଯାଉଛି । ଏହିପରି ମାନ ଅନୁଯାୟୀ ଚାଷୀ ଏବଂ ମିଲ ମାଲିକଙ୍କ ମଧରେ ଆପୋଷ ବୁଝାମଣାରେ ୨ରୁ ୩ କିଲୋଗ୍ରାମ ଧାନ କଷ୍ଟମ ମିଲକୁ ପ୍ରଦାନ କରାଯାଉଥିବା ନେଇ ସୂଚନା ପ୍ରାପ୍ତ ହୋଇଛି । ସେହିପରି ଜିଲାର ୧୪ଲକ୍ଷ ୫୦ ହଜାର କୁଇଣ୍ଟାଲ ଧାନ ସମୁଦାୟ ୯୪ ମଣ୍ଡିରେ କିଣାଯିବା ପାଇଁ ଧାର୍ଯ୍ୟ ହୋଇଛି।

## ଦିବ୍ୟାଙ୍ଗ ଅନ୍ୟମାନଙ୍କଠୁ କମ୍ ନୁହଁନ୍ତି

କୋରାପୁଟ,୩ା୧୨(ସ୍ୱ.ପ୍ର)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟସ୍ଥିତ ଗାନ୍ଧିନଗର କଲ୍ୟାଣମଣ୍ଡପଠାରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସ୍ଥାନୀୟ ଟ୍ରାଫିକ ଛକଠାରୁ ବାହାରି ସହର ପରିକ୍ରମା କରି ଶେଷରେ ଗାନ୍ଧିନଗରଠାରେ ପହଞ୍ଚିଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର କୁମାର ନାୟକ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୨୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ପରେ ସରକାରୀ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ କାମାକ୍ଷା ପ୍ରସାଦ ଦାସ, ଡିଏଲ୍‌ଏସ୍‌ଏର ସମ୍ପାଦକ ସୁଶ୍ରୀ ଲଳିତା ମଞ୍ଜରି ପଟ୍ଟନାୟକ, ଜିଲା ବଧିର ସଂଘ ସଭାପତି ଚିତରଞ୍ଜନ ପୃଷ୍ଟି ଯୋଗ ଦେଇ ଭିନ୍ନକ୍ଷମ ଅନ୍ୟମାନଙ୍କଠାରୁ କମ ନୁହଁନ୍ତି। ସେମାନଙ୍କୁ ନୁତନ ଆଶା ଓ ଆଲୋକର ବାଟ ଦେଖାଇବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ବୁଝାଇଥିଲେ । ଏହା ସହିତ ବିଭିନ୍ନ ଯୋଜନା ଉପରେ ସଚେତନ କରାଇଥିଲେ । ଉପସ୍ଥିତ ପିଲାମାନଙ୍କୁ ଦିବ୍ୟାଙ୍ଗଙ୍କର ବିଭିନ୍ନ ଆଇନ ଉପରେ ପ୍ରଫେସର ଦାସ ବୁଝାଇଥିଲେ। ପରେ ତାଙ୍କ ଦ୍ୱାରା ରଚିତ ପରିଧି ନାମକ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୬୦ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ସୀମାଞ୍ଚଳ ମହାପାତ୍ର ପରିଚାଳନା କରିଥିଲେ । ସେହିପରି ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ମଙ୍ଗଳବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସର କନଭେନର ସମ୍ପାଦକ ଡଃ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ କାମାକ୍ଷା ପ୍ରସାଦ ଦାସ, ଅଧ୍ୟାପକ ସୀତାକାନ୍ତ ପାଣିଗ୍ରାହୀ, ହରିପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇ ଭିନ୍ନକ୍ଷମ ଆଇନ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଶିକ୍ଷା ବିଭାଗ, ବାଣିଜ୍ୟ ବିଭାଗ, ରେଡକ୍ରସର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

